# ପୂଜ୍ୟ ନୃସିଂହ ଗୁରୁ

ଶ୍ରୀ ବ୍ରଜ କିଶୋର ମହାନ୍ତି

"ମାନବ ଜୀବନ ନୁହଁଇ କେବଳ ବର୍ଷ ମାସ ଦିନ ଦଣ୍ଡ
କର୍ମେ ଜୀଏଁ ନର କର୍ମ ଏକା ତାର ଜୀବନର ମାନଦଣ୍ଡ"

ପୂଜ୍ୟ ଗୁରୁ ମହାଶୟଙ୍କ ଗୁଣାବଳୀ ମନେ ପକାଇବା ଆଗରୁ କବି ଗୋପବନ୍ଧୁଙ୍କ ଉଲ୍ଲିଖିତ ପଦଟି ମନେ ପଡିଗଲା । ଆଜି ଗୁରୁ ବାବୁ ଇହଧାମରେ ନାହାଁନ୍ତି କିନ୍ତୁ ଓଡିଶାର ସମସ୍ତ ସମ୍ବାଦପତ୍ର ତାଙ୍କର କଥା,ତାଙ୍କର ସୁଗୁଣ ଓ ନିରାଡମ୍ବର ଜୀବନ ଉପରେ ଆଲୋକପାତ କରୁଛନ୍ତି ।

ସୁଦୀର୍ଘ ୨୧ ବର୍ଷ ଧରି ତାଙ୍କ ସହିତ କିପରି ଏକ ଭକ୍ତିପୂର୍ଣ୍ଣ ସମ୍ବନ୍ଧ ହେତୁ ତାଙ୍କର କର୍ମମୟ ଜୀବନର କୋଟୋଟି କଥା ଯାହା ପ୍ରତ୍ୟକ୍ଷ କରିଛି ସେତକ ଗ୍ରହଣ ନ କରି ରହି ପାରୁ ନାହିଁ । ସ୍ଥାନୀୟ କୃଷି ବିଭାଗର ପ୍ରଚାର ସଂସ୍ଥାରେ କାମ କରୁଥିବା ଯୋଗୁଁ ଅଧିକାଂଶ ସମୟରେ ତାଙ୍କ ସଂଗେ ସାକ୍ଷାତ ଆଲୋଚନାର ସୌଭାଗ୍ୟ ମିଳେ । କୃଷି ସମ୍ପର୍କୀୟ ସମ୍ବାଦ ପାଇବା ମାତ୍ରେ ଆଗ୍ରହ ସହକାରେ ପ୍ରକାଶ ପାଇଁ ପଠାଇ ଦିଅନ୍ତି । କୃଷିର ଅଗ୍ରଗତି ସମ୍ପର୍କରେ ତଥ୍ୟ ସଂଗ୍ରହ କରିବା ପାଇଁ ଆମ ପାଖରେ ଆସି ହାଜର ହୋଇଯାଆନ୍ତି । ମନରେ ଟିକିଏ ଅହଂଭାବ ନ ଥାଏ । ସବୁବେଳେ କଥାବାର୍ତ୍ତାରେ ସୌଜନ୍ୟତା ଫୁଟି ଉଠୁଥାଏ । ଶାସ୍ତ୍ରୀଜୀଙ୍କ ଭଳି ଛୋଟିଆ ମଣିଷଟିଏ, ତାଙ୍କରି ଭଳି ନିରଳସ ଓ ନିରାଡମ୍ବର ଜୀବନ ।

ତାଙ୍କ ଗାଁ ଗୁରୁପାଲିରୁ ଫେରିବା ବେଳେ ଥରେ ଥରେ ଦେଖା ହୋଇଥାଏ । ସେତିକି ବେଳେ ବୋଧେ ବସ୍ କିମ୍ବା ରିକ୍ସାରେ ବସିବା ଦେଖିବାକୁ ମିଳେ । ନଚେତ୍ ସବୁବେଳେ ଖାଲି ପାଦରେ ଚାଲି ଚାଲି ଦୈନନ୍ଦିନ ସହରର ବିଭିନ୍ନ ସ୍ଥାନରେ ଦେଖିବାକୁ ମିଳେ । କାଖରେ "ସମାଜ" କାଗଜ ପୁଡାଏ ଧରି ସମ୍ବଲପୁର ବସଷ୍ଟେଣ୍ଡରୁ ଆସିଯାନ୍ତି । ପଚାରିଲେ କହନ୍ତି "ଆଜି ଆଜ୍ଞା ହକର ପିଲାଟି ଆସିନାହିଁ" ? ଧନ୍ୟ କହିବ ଏଭଳି ସରଳିଆ ମଣିଷକୁ । ସେ ଦିନ ସବୁ ଗ୍ରାହକଙ୍କ ଘରେ ତାଙ୍କ ପାଦ ପଡେ । ମନରେ କିଛି ଭାବନ୍ତି ନାହିଁ । "କର୍ମ ହିଁ ଧର୍ମ" ଏଇ ନୀତିରେ ଦୃଢ଼ ।

ଜଣେ ଭଲ ଚାଷୀ ରୂପେ ତାଙ୍କୁ ଆମେ ମଧ୍ୟ ଅନେକ କଥାରେ ପରଖ କରିଛୁ । ନୂଆ କିସମର ଧାନ ବାହାରିଲେ ସେ ଆଗ୍ରହରେ ତାଙ୍କ ଜମିରେ ପରୀକ୍ଷା କରିବାକୁ ବାହାରନ୍ତି । ମନେ ପଡିଯାଉଛି । ଆମେ ଲଖନପୁର ବ୍ଲକରୁ ଫେରୁଥାଉଁ, ଗାଁ ରୁ ଆସି ଗୋଟିଏ ଗଛମୂଳେ ପଥର ଉପରେ ବସିଥାନ୍ତି ବସ୍ ପ୍ରତୀକ୍ଷାରେ । ଗାଡି ଅଟକାଇ ନମସ୍କାର କଲୁ ଗାଡିରେ ବସିବାକୁ ଅନୁରୋଧ ଜଣାଇଲୁ । ଅନୁରୋଧ ରକ୍ଷାକରି ଗାଡିର ପଛପଟେ ବସିବାକୁ ଚାଲି ଆସୁଥିଲେ ନିର୍ବିକାର ଭାବରେ । ବାଧ୍ୟ କରି ଆଗପଟେ ବସାଇଲୁ । କଥାଟି ସାମାନ୍ୟ ହୋଇପାରେ କିନ୍ତୁ ଏଥିରୁ ସୂଚାଇ ଦିଏ ତାଙ୍କର ମହତ୍ ପଣ । ସେ ଦିନ ଆଲୋଚନା ପ୍ରସଂଗରେ ମନର କୋଟୋଟି କଥା । "ସମାଜ" ପତ୍ରିକା ସଂଗେ ତାଙ୍କର ଯେ କିଭଳି ସମ୍ପର୍କ ଥିଲା ତାହା ବୁଝିବା ସହଜ ନୁହେଁ । "ଗୋପବନ୍ଧୁ ବାବୁ ଓ ରାଧାନାଥ ବାବୁଙ୍କର ଏହି ପତ୍ରିକା ମୋର ଅତି ଆପଣାର କିନ୍ତୁ ଆଜ୍ଞା ଆଉ ମୋର ସମ୍ବାଦ ଏଥିରେ ପ୍ରକାଶ ପାଉନାହିଁ । ମୋର ଆବଶ୍ୟକତା ବୋଧହୁଏ ସରିଯାଇଛି । " ଏହି ଥିଲା ତାଙ୍କ ମନର ବେଦନା ପ୍ଲୁତ ଭାବର ଉଦ୍ଗୀରଣ । ନିଜ ଦୁଃଖକୁ ଅନ୍ୟ ଆଗରେ ପ୍ରକାଶ କରିଦେଲେ ବୋଧହୁଏ ଦୁଃଖ ଊଣା ହୁଏ । ଏଥିପାଇଁ ବୋଧେ ସେ ଆମ ଆଗରେ ସମସ୍ତ ବିଷୟ ବର୍ଣ୍ଣନା କରିଗଲେ । ତାଙ୍କୁ ବୁଝାଇବା ଆମ ଶକ୍ତିର ବାହାରେ ତଥାପି କହିଲି ସେପରି କାହିଁକି କରୁଛନ୍ତି । ସମୟ ନିଶ୍ଚୟ ବଦଳି ଯିବ । ମାତ୍ର ସମୟ ବଦଳିଲା ନାହିଁ । ସମୟକୁ ସେ ବଦଳାଇ ଦେଲେ ।

ଆଉ ଦିନକର କଥା । କୃଷି ବିଭାଗ କାର୍ଯ୍ୟାଳୟ ଭିତରେ ତାଙ୍କ ସହ ଦେଖା ହୁଏ । ତାଙ୍କୁ ଦେଖି ଧାଇଁ ଆସି ପଚାରିଲି ତାଙ୍କ ଆସିବାର କାରଣ । ବୁଝିଲି ଆଉ ଗୋଟିଏ ଘଟଣା ଘଟିଛି । ଜନୈକ "ସମାଜ"ର ଗ୍ରାହକ ତାଙ୍କ ନାମରେ କୁଆଡେ ସମାଜ କାର୍ଯ୍ୟାଳୟକୁ ଆପତ୍ତି କରିଛନ୍ତିଯେ ଠିକ ସମୟରେ ପତ୍ରିକା ମିଳୁ ନାହିଁ ତେଣୁ ଏଜେନ୍ସି ବଦଳାଇବାକୁ । ବଡ ଦୁଃଖରେ କହିଲେ ବସ୍ ଠିକ ସମୟରେ ଆସୁନାହିଁ । କାଗଜ ପାଇବାର ବିଳମ୍ବ ହେଉଛି । କେହି କଣ ବୁଝୁଛନ୍ତି । ମୋତେ ପଚାରି ଥିଲେ କଣ ହୋଇନଥାନ୍ତା । ଉପରକୁ ଲେଖିଛନ୍ତି । ହଉ ତାଙ୍କ ଇଚ୍ଛା । ଗୁରୁ ମହାଶୟଙ୍କ ସଙ୍ଗେ ଏହାହିଁ ଥିଲା ଶେଷ ଦେଖା । ଆଉ ଦେଖିବାର ସୌଭାଗ୍ୟ ମିଳିଲା ନାହିଁ । ସେ ଦିନ ହଠାତ୍ ବଜ୍ରପାତ ଭଳି ଶୁଣିଲି ସେ ଆଉ ଇହଧାମରେ ନାହାଁନ୍ତି । ପିତୃହରା ପରି ଲାଗୁଛି । ତାଙ୍କ ଆତ୍ମାର ସଦ୍‌ଗତି ହେଉ । ଠାକୁରଙ୍କ ଚରଣ ତଳେ ଏତିକି ମାତ୍ର ଗୁହାରୀ ।

ପୂର୍ବତନ ପ୍ରଡକ୍ସନ ଆସିଷ୍ଟାଣ୍ଟ,
କୃଷି ବିଭାଗ,ସମ୍ବଲପୁର